ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

**ପତ୍ର ସଂ –୦୯୭/୨୦୨୩** **ସପ୍ତାହ- ୪୯** **ମଙ୍ଗଳବାର, ତାରିଖ ୦୫.୧୨.୨୦୨୩**

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦.୦/୦୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୩ ଠାରୁ) | ୧୩୧୨.୪/୬୯ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୦.୨ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୭.୮ |

**କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୦୬.୧୨.୨୦୨୩ ରୁ ୧୦.୧୨.୨୦୨୩ ପର୍ଯ୍ୟନ୍ତ:**

ଦକ୍ଷିଣପୂର୍ବ ବଙ୍ଗୋପ ସାଗର ରେ ସୃଷ୍ଟି ହେଇଥିବା ଲଘୁଚାପ ବର୍ତମାନ ଭୀଷଣ ବାତ୍ୟା ର ରୂପ ନେଇ ସାରିଛି। ତେଣୁ ଭୀଷଣ ବାତ୍ୟା "MICHAUNG" ( **ମିଗଜୋମ୍ ଭାବରେ ଉଚ୍ଚାରଣ)** ପ୍ରଭାବରେ ଆସନ୍ତା ୬ ରୁ ୮ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା ରହିଛି। ଏହି ସମୟରେ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ମୁଖ୍ୟତଃ ଉତ୍ତର ପୂର୍ବ ରୁ ଦକ୍ଷିଣ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୫ – ୦୦୮ କି.ମି. ବେଗରେ ବହିବାର ସମ୍ଭାବନା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୬ - ୨୯ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୫ – ୨୦ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୯୫ – ୯୭ % ଓ ୬୦ – ୭୬ % ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୬-୧୨-୨୦୨୩ | ୧୮ | ୨୬ | ୨୦ | ୭ | ୯୭ | ୭୬ | ୮ | ୬୬ |
| | ୦୭-୧୨-୨୦୨୩ | ୨୪ | ୨୬ | ୨୦ | ୭ | ୯୭ | ୭୧ | ୮ | ୬୮ |
| | ୦୮-୧୨-୨୦୨୩ | ୭ | ୨୮ | ୧୮ | ୫ | ୯୭ | ୭୭ | ୬ | ୭୩ |
| | ୦୯-୧୨-୨୦୨୩ | ୧ | ୨୯ | ୧୭ | ୪ | ୯୭ | ୬୦ | ୫ | ୧୦୫ |
| | ୧୦-୧୨-୨୦୨୩ | ୦ | ୨୯ | ୧୫ | ୩ | ୯୫ | ୬୨ | ୫ | ୨୦୫ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

- ଆସନ୍ତା ଦିନରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ସମସ୍ତ ଫସଲ କୁ ତୁରନ୍ତ ଅମଳ କରିଦିଅନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ।
- ବର୍ଷା ପାଣି ଠାରୁ ସୁରକ୍ଷା ନିମନ୍ତେ ପନିପରିବା ଯଥା ବାଇଗଣ, ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ବ୍ରୋକୋଲି, ଲଙ୍କା ଆଦି ଫସଲ ରେ ତଳି ପଡ଼ିଥିଲେ ତଳିକୁ ପୋଲିଥିନ୍ ଜରି କିମ୍ବା କୌଣସି ପ୍ଲାଷ୍ଟିକ ପଦାର୍ଥ ଘୋଡ଼ାଇ ରଖନ୍ତୁ ।
- ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳୀ ମୁଁହ କୁ ଖୋଲା ରଖନ୍ତୁ।
- ଚିନାବାଦାମ ବୁଣିବା ଏବେ ସାମୟିକ ରୂପେ ସ୍ଥଗିତ ରଖନ୍ତୁ।
- ଜଳସେଚନ, କୀଟନାଶକ ସିଞ୍ଚନଓ ସାର ପ୍ରୟୋଗ କୁ ସାମୟିକ ଭାବେ ସ୍ଥଗିତ ରଖନ୍ତୁ। ଆବଶ୍ୟକତା ଅନୁଯାୟୀ ବର୍ଷା ପ୍ରଭାବ ରୁ ଗଛ ନଇଁ ନଯିବା ପାଇଁ କିଳା ମାରନ୍ତୁ।
- ପନିପରିବା ତଥା ରବି ଫସଲରେ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା କରନ୍ତୁ। ସମସ୍ତ ରବି ଫସଲ ବୁଣିବା କିମ୍ବା ଲଗାଇବା ସାମୟିକ ସ୍ଥଗିତ ରଖନ୍ତୁ।

**ଧାନ :**

- କଟା ହେଇଥିବା ଧାନ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। କଟା ଧାନକୁ ବିଲରେ ରଖନ୍ତୁ ନାହିଁ। କଟା ହେଇଥିବା ଧାନ ଅମଳ ସମ୍ଭବ ନହେଲେ ପୋଲିଥିନ୍ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ। ବିଳମ୍ବ କିସମ ଧାନ ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳୀ କରନ୍ତୁ। ଧାନ ଗଛ ପଡ଼ିଯାଇଥିଲି ବର୍ଷା ପରେ ହଳା କରି ଠିଆ କରନ୍ତୁ

**କପା :**

- ଅମଳ ଉପଯୋଗୀ କପା ଫସଲ ଅତିଶୀଘ୍ର ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ଯାହା ଦ୍ୱାରା କପାର ମାନ ଠିକ୍ ରହିବ।

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)

Email: aas.bhawanipatna@gmail.com, Web Portal: https://ouat.nic.in/agro-advisory-service-system-view